## କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ମଇ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ❖ ଧାନ ଠିକ୍ ଭାବରେ ପାଚିଗଲେ କାଟି ଦିଅନ୍ତୁ (ଶତକଡା ୮୦ ଭାଗ ପାଚିବା ଦରକାର) ଠିକ୍ ସମୟରେ ନ କାଟିଲେ ଖରାଦିନିଆ ଧାନ ଝଡି ଯିବାର ସମ୍ଭାବନା ଅଧିକ ଥାଏ ।

- ❖ ଧାନ ସାଇତି ରଖିବା ପୂର୍ବରୁ ସେଥିରେ ଆର୍ଦ୍ରତା ଶତକଡ଼ା ୧୪ ଭାଗ ରହିବା ଆବଶ୍ୟକ । ସେଥିପାଇଁ ପ୍ରାୟ ୨ ଥର ଭଲ ଖରାରେ ସୁଖାଇ ସାଇତି ରଖନ୍ତୁ ।

- ❖ ବର୍ଷାଶ୍ରିତ ଖାଲ ଜମିରେ ସିଧାବୁଣା ପାଇଁ ଖରାଟିଆ ଚଷ କରିଦିଅନ୍ତୁ । ସେଥିପାଇଁ ପତ୍ରମୋଡା ଲଙ୍ଗଳବ୍ୟବହାର କରି ପ୍ରଥମଚଷ କରି ଦିଅନ୍ତୁ । ଏହା ଫଳରେ ମାଟିର ୧୫-୨୦ ସେ.ମି. ଗଭୀର ପର୍ଯ୍ୟନ୍ତ ଚଷ ହୋଇପାରିବ । ଦ୍ୱିତୀୟ ଚଷ କଲଟିଭେଟର ବ୍ୟବହାର କରି କରନ୍ତୁ ।

- ❖ ଯେଉଁଠାରେ ହାଲୁକା ମାଟି ଅଛି ସେଠାରେ ରୋଟାଭେଟରରେ ଚଷ କରି ସିଧାବୁଣା କରନ୍ତୁ ।

- ❖ ସୁଖିଲା ତଳିଘରା ପ୍ରସ୍ତୁତ ପାଇଁ ପ୍ରଥମ ବର୍ଷା ହେବାପରେ ଚଷ କରିଦିଅନ୍ତୁ ।

- ❖ ମଧ୍ଯମ ଖାଲୁଆ ଜମି ପାଇଁ ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ହଂସେଶ୍ୱରୀ ଏବଂ ଶାରଳା କିସମର ଧାନ ବିହନ ବ୍ୟବହାର କରନ୍ତୁ । ମାତ୍ର ଖାଲୁଆ ଜମି ପାଇଁ ସି.ଆର.ଧାନ ୫୦୦, ଜଳମଣୀ, ଜୟନ୍ତୀଧାନ ଏବଂ ସି.ଆର ଧାନ ୫୦୫ ଇତ୍ୟାଦି କିସମ ବ୍ୟବହାର କରନ୍ତୁ । ଉତ୍ତମ ଗୁଣାତ୍ମକମାନର ବିହନ, ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ(କୃଷି) ତଥା ଭଲ ବିହନ ଉତ୍ପାଦନ କରୁଥିବା ଫାର୍ମରୁ ସଂଗ୍ରହ କରି ବ୍ୟବହାର କରନ୍ତୁ।

- ❖ ରୁଆ ଧାନ ଚଷ ହେଉଥିବା ଅଞ୍ଚଳରେ ଧନିଚ ବିହନ ଉପରୋକ୍ତ ସ୍ଥାନରୁ ସଂଗ୍ରହ କରି ବ୍ୟବହାର କରନ୍ତୁ ।

******